**ଜାତୀୟ ଉଗ୍ରପନ୍ଥୀ ନିରୋଧକ ସଂସ୍ଥା (ଏନ.ସି.ଟି.ସି) ଗଠନ ନେଇ ଗୃହମନ୍ତ୍ରୀ ବାଢ଼ିଥିବା ଯୁକ୍ତିର ପ୍ରତ୍ୟୁତ୍ତର ।**

**ଶ୍ରୀ ଅରୁଣ ଜେଟଲୀ**

ଗତ ତିନି ଦଶନ୍ଧି ଧରି ଭାରତ ଉଭୟ ସୀମା ପାର ତଥା ଆଭ୍ୟନ୍ତରୀଣ ଆତଙ୍କବାଦର ମୁକାବିଲା କରିଆସୁଛି । ଆଜି ଆମେ ପଞ୍ଜାବର ପରିସ୍ଥିତି ଉପରେ ସଫଳତା ପୂର୍ବକ ନିୟନ୍ତ୍ରଣ କରିପାରିଛୁ ଓ ଜାମ୍ମୁ କାଶ୍ମୀରର ପରିସ୍ଥିତି ମଧ୍ୟ ପୂର୍ବାପେକ୍ଷା ଉତ୍ତମ ଅବସ୍ଥାରେ । ମାତ୍ର ଦେଶର ଉତ୍ତର ପୂର୍ବାଞ୍ଚଳ ଆଜି ଅନୁପ୍ରବେଶକାରୀଙ୍କ ପାଇଁ ଗମ୍ଭୀର ଅବସ୍ଥାରେ ଉପନୀତ ।

ଦୀର୍ଘ ଦଶ ବର୍ଷ ତଳେ ଭାରତ କୌଣସି ଜିହାଦୀଙ୍କ ଘରୋଇ ସମସ୍ୟାର ମଧ୍ୟ ସାମ୍ନା କରୁଥିଲା । ଯାହାକୁ ଖୁବ ସୁଚାରୁ ଭାବେ ସମାଧାନ ଦେଇ ଆମେମାନେ ଆଗକୁ ବଢ଼ି ଚାଲିଛୁ । ହେଲେ ଆମର ପଶ୍ଚିମ ପାର୍ଶ୍ୱର ପଡ଼ୋଶୀ ଦେଶ ଅହରହ ଆମ ପାଇଁ ପ୍ରତ୍ୟେକ୍ଷରେ ହେଉ ବା ପରୋକ୍ଷରେ ହେଉ ସମସ୍ୟା ମାନ ତିଆରି କରି ଚାଲିଛନ୍ତି । ଯାହାର ମୁକାବିଲା ପାଇଁ ଆମକୁ ଆତଙ୍କବାଦ ବିରୋଧରେ ଏକ ବଳିଷ୍ଟ ପଦକ୍ଷେପ ନେବାକୁ ହେବ ଏବଂ ଉକ୍ତ ଲଢ଼େଇ ମଧ୍ୟ ନିରବଚ୍ଛିନ୍ନ ହୋଇ ଜାରି ରହିବା ଆବଶ୍ୟକ ।

ବର୍ତ୍ତମାନ ଘଟିଥିବା କିଛିଟା ଘଟଣାରୁ ସରକାରଙ୍କର ଆତଙ୍କବାଦ ନେଇ ସୁକ୍ଷ୍ମାନୁଭାବ ମନୋବୃତ୍ତି ସ୍ପଷ୍ଟ ପ୍ରତିପାଦିତ ହୁଏ । ଯେତେବେଳେ ଏନ.ଡ଼ି.ଏ ସରକାର ପୋଟା (ପ୍ରିଭେନସନ ଅଫ ଟେରରିଜମ ଆକ୍ଟ ) ଲାଗୁ କଲେ, ସେତେବେଳେ ବିରୋଧୀ ଦଳ ଏହାକୁ ସଂଖ୍ୟାଲଘୁ ବିରୋଧୀ ତଥା ଆତଙ୍କବାଦର ବିରୋଧୀ ନୁହେଁ ବୋଲି କହି ସମର୍ଥନ କରି ନଥିଲେ । ହେଲେ ପୋଟା ହିଁ ଆତଙ୍କବାଦର ନିପାତ ପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ଥିଲା । ଉ.ପା ସରକାର ନିଜ ନିର୍ବାଚନ ଇସ୍ତାହାରରେ ପୋଟାକୁ ରଦ୍ଦ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଯାହାକି ଦେଶର ସୁରକ୍ଷା ପାଇଁ ଆଦୌ ଅନୁକୂଳ ନୁହେଁ । ହେଲେ ବର୍ତ୍ତମାନ ଉ.ପା ସରକାର ବାଧ୍ୟବାଧକତାରେ ଏକ ବିନା ନିୟମ କାନୁନ ବିଶିଷ୍ଟ ଉଗ୍ରପନ୍ଥୀ ପ୍ରତିରୋଧକ ନିୟମ ପ୍ରଣୟନ କରିଛନ୍ତି । ଯେଉଁଠି ପୋଟା ର ରଦ୍ଦ ହୋଇଥିବା ଦୁଇଟି ନିୟମକୁ ଅର୍ନ୍ତଭୁକ୍ତିକରଣ କରାଯାଇନାହିଁ । ତାହା ଦୋଷୀର ବେଲ ପାଇବା ସଂକ୍ରାନ୍ତ ଓ ଅନ୍ୟଟି ଦୋଷ ସ୍ୱୀକାର ପରେ ବିଚାର କରିବା । ଯେତେବେଳେ ଶ୍ରୀ ଚିଦାମ୍ବରମ ଗୃହ

ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କଲେ ସେତେବେଳେ ମାଓବାଦୀ ହିଂସା ନେଇ ତାଙ୍କର ମନ୍ତବ୍ୟ ଖୁବ ଉତ୍ସାହ ଜନକ ଥିଲା । ମାତ୍ର କଂଗ୍ରେସର ଏକ ଘରୋଇ ଜର୍ନାଲରେ ଉ.ପା ର ଅଧ୍ୟକ୍ଷାଙ୍କ ପ୍ରବନ୍ଧ ପ୍ରକାଶିତ ହେଲାପରେ ସମସ୍ତ ଉତ୍ସାହରେ ପାଣି ପଡ଼ି ଯାଇଥିଲା । ଶ୍ରୀ ଚିଦାମ୍ବରମ ନିଜର ଦିଶା ବଦଳାଇ ଦେଇଥିଲେ ଏବଂ କହିଥିଲେ କି, ମାଓବାଦୀ ହିଂସା ବିରୋଧରେ ଲଢ଼େଇ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ରାଜ୍ୟ ସରକାରଙ୍କର । କେନ୍ଦ୍ର କେବଳ ଗୋଇନ୍ଦା ସଂସ୍ଥା ଗଠନ ଓ ସୁରକ୍ଷା ଯୋଗାଇବା ନେଇ ମାତ୍ର କିଛିଟା ସହଯୋଗ କରିବ ।

ହେଲେ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ନା କେନ୍ଦ୍ର ନା ରାଜ୍ୟ ଏକାକି ସମର୍ଥ ହେବ । ଏହା ଉଭୟଙ୍କର ଦାୟିତ୍ୱ ଅଟେ । ଏହା ସର୍ବସାଧାରଣ ନୀତି ନିୟମକୁ ପ୍ରଭାବିତ କରିବା ସହ ଦେଶର ସାର୍ବଭୌମ୍ୟତାକୁ ମଧ୍ୟ ପ୍ରଭାବିତ କରେ । ଆମ ସାମ୍ବିଧାନିକ ନୀତି ନିୟମ ଦୃଷ୍ଟିରୁ ଦେଶର ସୁରକ୍ଷା ଦାୟିତ୍ୱ କେନ୍ଦ୍ର ସରକାରଙ୍କର । ସର୍ବସାଧାରଣଙ୍କ ଶୃଙ୍ଖଳା ଓ ପୋଲିସ ଦଖଲ ଆଦି କାର୍ଯ୍ୟ ରାଜ୍ୟ ସରକାରଙ୍କ କ୍ଷମତାର ପରିସର ମଧ୍ୟରେ ଅର୍ନ୍ତଭୁକ୍ତ । କିନ୍ତୁ ଆତଙ୍କବାଦର ଲଢ଼େଇରେ ସଙ୍ଘୀୟ ଢ଼ାଞ୍ଚା ରହିବା ନିତ୍ୟାନ୍ତ ବାଞ୍ଛନୀୟ । ଯଦିଓ ଏନ.ସି.ଟି.ସି ର କାର୍ଯ୍ୟ ପନ୍ଥାରେ କୌଣସି ପ୍ରକାରର ପ୍ରତିବନ୍ଧକ ନରହିବା ଆବଶ୍ୟକ ତଥାପି ତାହାର ନୀତି ନିୟମମାନ ତଥା ତାହାର ନ୍ୟାୟିକ କ୍ଷମତା ସାମ୍ବିଧାନିକ ପରିସରରେ ରହିବା ଉଚିତ । ସୀମାନ୍ତରେ ନୂତନ ଗୁପ୍ତଚର ବା ଗୋଇନ୍ଦା ସଂଗ୍ରହ କାର୍ଯ୍ୟ ତଥା ଦେଶ ବାହାରେ ରହି ସମସ୍ୟା  ସୃଷ୍ଟି କରୁଥିବା କାର୍ଯ୍ୟ କଳାପ ଉପରେ ନଜର ରଖିବା ତାହାର କାର୍ଯ୍ୟ ପନ୍ଥାର ପରିସରଭୁକ୍ତ ନହେବା ଆବଶ୍ୟକ । ଏହା କେବଳ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ଅଟେ । ଆତଙ୍କବାଦର ପରିମାପକ ବା ନିୟନ୍ତ୍ରଣ କାର୍ଯ୍ୟ ରାଜ୍ୟ ରାଜ୍ୟ ମଧ୍ୟରେ ହେବା ମଧ୍ୟ ଆବଶ୍ୟକ । ମାତ୍ର ଗୋଇନ୍ଦା ସଂଗ୍ରହ ତଥା ବାସ୍ତବ ତଥ୍ୟକୁ ରାଜ୍ୟକୁ ସଂଚାରଣ କରିବା ଆଦି ମଧ୍ୟ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ଅଟେ । ପ୍ରଥମରୁ କେନ୍ଦ୍ର ସରକାରଙ୍କ  ହାତରେ ନେସସନାଲ ଇନଭେଷ୍ଟିଗେଟିଭ ଏଜେନସିର (ଏନ.ଆଇ.ଏ)ର କ୍ଷମତା ରହିଅଛି । ଯାହାକି ସମସ୍ତ ପ୍ରକାରର ବେଆଇଗତ କାର୍ଯ୍ୟ କଳାପର ତଦନ୍ତ କରିଥାଏ ।ସେ ଯାହା ହେଉନା କାହିଁକି ଏନ.ସି.ଟି.ସି କୁ ପୋଲିସର କ୍ଷମତା ମଧ୍ୟ ଦେବାକୁ କାହିଁକି କେନ୍ଦ୍ର ସରକାର ଉଚିତ ମନେକରେ ତାହା ବୁଝାପଡ଼େ ନାହିଁ । ତାହା ରାଜ୍ୟ ପୋଲିସ ନିୟନ୍ତ୍ରଣରେ ରହିବ ନା ଏନ.ଆଇ.ଏ ନିୟନ୍ତ୍ରଣରେ ରହିବ ?

ଏନ.ସି.ଟି.ସି  ଇଣ୍ଟଲିଜେଣ୍ଟ ବ୍ୟୁରୋର ଅଧୀନରେ ରହିବାର ଥିଲା । ତାହାର ଡ଼ାଇରେକ୍ଟର ମଧ୍ୟ ଆ.ବି ର ଡ଼ାଇରେକ୍ଟରଙ୍କୁ ରିପୋର୍ଟ କରିବେ । ଗୁପ୍ତଚର ସଂସ୍ଥା ଯୋଗାଇବା ତାହାର କ୍ଷମତର ପରିସରଭୁକ୍ତ ନଥିଲା । ଆମରିକାର ଏନ.ସି.ଟି.ସି ରେ ନା କୌଣସି ଗୁପ୍ତଚର ଏକାଠି ହୋଇ କାର୍ଯ୍ୟ କରନ୍ତି ସେଠି କେବଳ ବିଶେଷ ଉଦ୍ଦେଶ୍ୟ ସାଧନ କରିବା ଭଳି ଯୋଜନା ଦ୍ୱାରା କରାଯାଏ । ମିଳିତ ଭାବରେ ଆତଙ୍କବାଦର ବିଶ୍ଳେଷଣ ସମୟରେ କେନ୍ଦ୍ରକୁ ମଧ୍ୟ ଏକ ମିଳିତ ଭାବରେ ଭୂମିକା ନେବାକୁ ହୁଏ । ଭାରତର ସମସ୍ତ ପ୍ରସ୍ତାବ କୌଣସି ଗୋଟିଏ ଏଜେନ୍ସି ହାତରେ ରହିବ । ସେ ହିଁ ଗୁପ୍ତଚର କାର୍ଯ୍ୟକୁ ପରିଚାଳନା କରିବ । ଏହା ଦ୍ୱାରା ସମସ୍ତ କ୍ଷମତା ଗୋଟିଏ ସଂସ୍ଥା ହାତରେ ହିଁ ଠୁଳ ହେବ । ଯାହାକି ରାଜ୍ୟର ନୀତି ନିୟମରେ ନିଶ୍ଚିତ ଭାବରେ ଆଘାତ ପହଁଚାଇବ । ଯେଉଁଥିପାଇଁ ରାଜ୍ୟ ଏହାର ପ୍ରତିବାଦ କରେ ।

ଏଠାରେ ପ୍ରଶ୍ନ ଉଠେ କାହିଁକି କେନ୍ଦ୍ର ସରକାର ରାଜ୍ୟକୁ ବିଶ୍ୱାସ କରେ ନାହିଁ ? ଏନ.ସି.ଟି.ସି ର କାର୍ଯ୍ୟ ପନ୍ଥାକୁ ସବୁବେଳେ କଅଣ ରାଜ୍ୟ ପୋଲିସ ସହ ମିଳିତ ଭାବରେ କରାଯିବ ? କିଛି ବିଶେଷ କ୍ଷେତ୍ରରେ ରାଜ୍ୟ ପୋଲିସ ଓ ଏନ.ଆଇ.ଏ କୁ ମଧ୍ୟ ଯୋଜନାରେ ସାମିଲ କରାଯାଇପାରେ ।

କୌଣସି ଘଟଣାର ଖାନ ତଲାଶ କରିବା, ସିଜ କରିବା, ଗିରଫ କରିବା ଆଦି ସମସ୍ତ କାର୍ଯ୍ୟ ଆଦି ଗୁପ୍ତଚର ବିଭାଗ ହାତରେ ନ୍ୟସ୍ତ କରାଇବା ଖୁବ ଭୟଂକର ରୂପ ନେଇ ପାରେ । ଆ.ବି ର ସମସ୍ତ କାର୍ଯ୍ୟ ପନ୍ଥା ଗୁପ୍ତରେ ହେବା ଆବଶ୍ୟକ । ତାହାର ବଜେଟ ତଥା ଖର୍ଚ୍ଚ ମଧ୍ୟ କୈଫତ ଯୋଗ୍ୟ ନୁହେଁ । ଆ.ବି ଦେଶର ଏକ ମୁଖ୍ୟ ଜାତୀୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଶକ୍ତିର ଅପ ବିନିଯୋଗ ନକରି, ତାହାକୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ରଖି ଉପଯୁକ୍ତ କ୍ଷେତ୍ରରେ ବିନିଯୋଗ କରିବା ଆବଶ୍ୟକ । ତାହାକୁ ଗୁପ୍ତତଥ୍ୟ ସଂଗ୍ରହ, ତାହାର କାର୍ଯ୍ୟପନ୍ଥା ଏବଂ ତାହାର ସଞ୍ଚାରଣ କାର୍ଯ୍ୟଠାରୁ ଦୂରରେ ରଖିବା ନିତ୍ୟାନ୍ତ ବାଞ୍ଛନୀୟ ।